ରାଶିଫଳ

ମେଷ-ଶୁକ୍ଳପକ୍ଷ ଦ୍ୱିତୀୟରେ ଚନ୍ଦ୍ରଙ୍କ ଚଳନ ହେତୁ କର୍ମ କ୍ଷେତ୍ରରେ ସହଯୋଗ ମିଳିବ । ସାଂସାରିକ ଉତ୍ତମ ବୁଝାମଣା ରହିବ । ଚାକିରିରେ ଚଳଚଞ୍ଚଳ ରହିବେ । ପରିବହନ ଓ ବାଣିଜ୍ୟରେ ଲାଭଜନକ ରହିବ । ଶୁଭ ଅଙ୍କ-୩, ଶୁଭ ରଙ୍ଗ-ଗୋଲ୍‌ଡେନ୍ ।

ବୃଷ- ଚନ୍ଦ୍ରଙ୍କ ଚଳନ ହେତୁ ଦିନଟି ପ୍ରସନ୍ନତା ଭିତରେ କଟିବ । ସାଂସାରିକ ସୁଖଶାନ୍ତି ପ୍ରାପ୍ତି ହେବ । ଚାକିରିରେ ଆଦରଣୀୟା ହେବେ । କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ । ଶୁଭଅଙ୍କ-୮, ଶୁଭ ରଙ୍ଗ-ଆକାଶୀ ।

ମିଥୁନ- ଶୁକ୍ଳପକ୍ଷ ଦ୍ୱାଦଶରେ ଚନ୍ଦ୍ରଙ୍କ ଚଳନ ହେତୁ ନାନା ସମସ୍ୟା ଭିତରେ ଗତି କରିବେ । ସାଂସାରିକ ଆୟବ୍ୟୟ ସମାନ ରହିବ । ମହିଳାମାନେ ଚିନ୍ତାରେ ରହିବେ । ବାଣିଜ୍ୟରେ ମାନ୍ଦା ସ୍ଥିତି ରହିବ । ଶୁଭଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍ ।

କର୍କଟ- ଏକାଦଶରେ ଚନ୍ଦ୍ରଙ୍କ ଗତିଶୀଳ ହେତୁ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବ । ସାଂସାରିକ ଉନ୍ନତି କରିବେ । ଚାକିରିରେ ମାନ ମର୍ଯ୍ୟାଦା ପ୍ରାପ୍ତି ହେବ । ପରିବହନ ଓ ବାଣିଜ୍ୟରେ ଉଚ୍ଚ ଫଳ ପାଇବେ । ଶୁଭଅଙ୍କ-୩, ଶୁଭ ରଙ୍ଗ-ଗୋଲ୍‌ଡେନ୍ ।

ସିଂହ- ଦଶମରେ ଚନ୍ଦ୍ରଙ୍କ ପରିକ୍ରମଣ ହେତୁ କାର୍ଯ୍ୟ ସିଦ୍ଧି ସହ ମାନସମ୍ମାନ ବୃଦ୍ଧି ପାଇବ । ସାଂସାରିକ ସୁଖଶାନ୍ତି ପ୍ରାପ୍ତି ହେବ । ମହିଳାମାନେ ଆଦରଣୀୟା ହେବେ । ପରିବହନ ଓ ବାଣିଜ୍ୟରେ ପ୍ରସାର ହେବ । ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ ।

କନ୍ୟା- ଶୁକ୍ଳପକ୍ଷ ନବମରେ ଚନ୍ଦ୍ରଙ୍କ ଚଳନ ହେତୁ ଶୃଙ୍ଖଳିତ ଧାରାରେ କର୍ମ କରି ସଫଳ ହେବେ । ସାଂସାରିକ ଧର୍ମାଦି କାର୍ଯ୍ୟରେ ମନ ରହିବ । ପରିବହନ ଓ ବାଣିଜ୍ୟରେ ଲାଭଜନକ ରହିବ । ଶୁଭଅଙ୍କ-୨, ଶୁଭରଙ୍ଗ-ସିଲ୍‌ଭର ।

ତୁଳା- ଅଷ୍ଟମରେ ଚନ୍ଦ୍ରଙ୍କ ଚଳନ ହେତୁ କର୍ମ କ୍ଷେତ୍ରରେ ସମସ୍ୟାକୁ ନେଇ ବିଚଳିତ ରହିବେ । ସାଂସାରିକ ଶତ୍ରୁ ବୃଦ୍ଧି ହେବେ । ଚାକିରିରେ କର୍ତ୍ତୃପକ୍ଷଙ୍କର ଚାପ ରହିବ । ବାଣିଜ୍ୟରେ ହାନି ହୋଇପାରେ । ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ ।

ବିଛା-ଘାତଚନ୍ଦ୍ର କାରଣରୁ କର୍ମ କ୍ଷେତ୍ରରେ ଉତ୍ତେଜନା ରହିବ । ସାଂସାରିକ ଆବଶ୍ୟକତାକୁ ନେଇ ଚିନ୍ତାରେ ରହିବେ । ଚାକିରିରେ କାର୍ଯ୍ୟଭାର ରହିବ । ପରବହନ ଓ ବାଣିଜ୍ୟରେ ପ୍ରତିକୂଳତା ରହିବ । ଶୁଭ ଅଙ୍କ-୨, ଶୁଭ ରଙ୍ଗ-ସିଲ୍‌ଭର ।

ଧନୁ- ଷଷ୍ଠ ଭାବରେ ଚନ୍ଦ୍ରଙ୍କ ଚଳନ ହେତୁ ଦୁଃସାହସିକ ଭିତ୍ତିରେ କର୍ମ ସମ୍ପାଦନ କରିବେ । ସାଂସାରିକ ଆର୍ଥିକ ସ୍ୱଚ୍ଛଳତା ରହିବ । ଚାକିରିରେ ନିଷ୍ଠା ରହିବ । ପରିବହନ ଓ ବାଣିଜ୍ୟରେ ଲାଭ ମିଳିବ । ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣି ।

ମକର- ଶୁକ୍ଳପକ୍ଷ ପଞ୍ଚମରେ ଚନ୍ଦ୍ରଙ୍କ ଚଳନ ହେତୁ କର୍ମ କ୍ଷେତ୍ରରେ ସହଯୋଗ ମିଳିବ । ସାଂସାରିକ ସନ୍ତାନ ସନ୍ତତିମାନେ ସୁଖୀ ରହିବେ । ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ । ବାଣିଜ୍ୟରେ ଶୁଭଫଳ ମିଳିବ । ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ ।

କୁମ୍ଭ- ଶୁକ୍ଳପକ୍ଷ ଚତୁର୍ଥରେ ଚନ୍ଦ୍ରଙ୍କ ଚଳନ ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା କାରଣରୁ କାର୍ଯ୍ୟ ତ୍ରୁଟି କରିବେ । ସାଂସାରିକ ପଡ଼ୋଶୀଙ୍କ ସହ ବାଦବିବାଦ ଉପୁଜିପାରେ । ବାଣିଜ୍ୟରେ ଆୟବ୍ୟୟ ସମାନ ରହିବ । ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲ୍‌ଭର ।

ମୀନ- ତୃତୀୟରେ ଚନ୍ଦ୍ରଙ୍କ ଚଳନ ହେତୁ କର୍ମ କ୍ଷେତ୍ରରେ ଉଚ୍ଚ ଆଶା ସଫଳ ହେବ । ସାଂସାରିକ ଭ୍ରାତୃଭଗ୍ନୀଙ୍କର ସହଯୋଗ ମିଳିବ । କଳା, ବିଜ୍ଞାନ ଓ ବାଣିଜ୍ୟରେ ଉତ୍ତମ ଫଳ ମିଳିବ । ଶୁଭ ଅଙ୍କ-୭, ଶୁଭ ରଙ୍ଗ-କଫି ।

ପୁରୀରୁ ମୋଦି ଲଢ଼ିବା ନିଷ୍ପତ୍ତି ସଂସଦୀୟ ବୋର୍ଡ ହାତରେ: ଅରୁଣ

ଭୁବନେଶ୍ୱର,୧୨ ।୩(ବ୍ୟୁରୋ): ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ଶାସନ ସରି ଆସୁଛି । ଏଥର ନିର୍ବାଚନରେ ବିଜେଡି ପୂରା ସଫା ହେବ । ବିଜେପି ରାଜ୍ୟରେ ସରକାର ଗଠନ କରିବ । ଏମିତି ଭବିଷ୍ୟବାଣୀ କରିଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ଅରୁଣ ସିଂହ । ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ସିଂହ ସାମ୍ବାଦିକମାନଙ୍କୁ କହିଛନ୍ତି, ବିଜେଡିରୁ ବହୁ ନେତା ବିଜେପିକୁ ଆସିବାକୁ ଚାହୁଁଛନ୍ତି । ଏହାକୁ ନେଇ ବିଜେଡିରେ କମ୍ପନ ଆରମ୍ଭ ହେଲାଣି । ୧୯ ବର୍ଷର କ୍ଷମତା ସୁଖ ବିଜେଡିର ଶେଷ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରୁ ପ୍ରାର୍ଥୀ ହେବା ନେଇ ଶ୍ରୀ ସିଂହ କହିଛନ୍ତି, ଏ ନିଷ୍ପତ୍ତି ନିଜେ ପ୍ରଧାନମନ୍ତ୍ରୀ ଓ ବିଜେପି ସଂସଦୀୟ ଦଳ ନେବ । ତେବେ ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ ଶ୍ରଦ୍ଧା ଜାରି ରହିଛି । ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ବିକାଶର ପ୍ରୟୋଗଶାଳା ଭାବେ ଗ୍ରହଣ କରିଛନ୍ତି । ବିଜେପି ଏଥର ମୋଦି ଓ ଶାହଙ୍କ ତାକତରେ ଭୋଟ ଲଢ଼ିବ । ଆମେ କେନ୍ଦ୍ରରେ ସରକାର ଗଠନ କରିବା ସହ ଓଡ଼ିଶାରେ ମଧ୍ୟ ସରକାର କରିବୁ । ଓଡ଼ିଶାରେ ବିଜେପିର ଲୋକପ୍ରିୟତା ବଢ଼ି ବଢ଼ି ଚାଲିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

୧୬ ଯାଏଁ ବର୍ଷା, ପବନ ସମ୍ଭାବନା

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଅସ୍ତବ୍ୟସ୍ତ କଲାଣି ଗରମ । ଆଭ୍ୟନ୍ତରୀଣରୁ ନେଇ ଉପକୂଳ ଓଡ଼ିଶା ପର୍ଯ୍ୟନ୍ତ ସବୁଠି ତାପମାତ୍ରା ଉପରକୁ ଉଠିଛି । ତାଳଚେରରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ଛୁଇଁଥିବାବେଳେ ଆଉ ୫ଟି ସ୍ଥାନରେ ପାରଦ ୩୭ ଡିଗ୍ରୀ

ତାଳଚେର ୩୯.୨ ଡିଗ୍ରୀ
୫ ସହର ୩୭ ଟପିଲା
ଆଜି ବି ଭୀଷଣ ଗରମ

ସେଲସିୟସ୍ ଟପିଛି ।

ଆଶ୍ୱସ୍ତିର ଖବର ହେଲା, ଆସନ୍ତାକାଲିଠାରୁ ୧୬ ତାରିଖ ଯାଏଁ ପ୍ରତିଦିନ ରାଜ୍ୟର କିଛି କିଛି ଜାଗାରେ ଘଡ଼ଘଡ଼ି ସହ ବର୍ଷା, ପବନ ହେବ । ଏହି ବର୍ଷା ହେଲେ ଗୁରୁବାରଠାରୁ ଧୀରେଧୀରେ ତାପମାତ୍ରା କମିପାରେ ।

ଆଜି ତାଳଚେର ପଛକୁ ମାଲକାନଗିରି ତାପମାତ୍ରା ୩୮ ଡିଗ୍ରୀ ଛୁଇଁଛି । ସେହିପରି ଅନୁଗୁଳ ୩୭.୭ ଡିଗ୍ରୀ ଡିଗ୍ରୀ ଥିବାବେଳେ ଟିଟିଲାଗଡ଼ ଏବଂ ଭବାନୀପାଟଣାରେ ତାପମାତ୍ରା ୩୭.୫ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି । ଭୁବନେଶ୍ୱରରେ ବି ପାରଦ ଡିଆଁ ମାରି ୩୭ ଡିଗ୍ରୀ ଛୁଇଁଛି । କଟକ, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିରରେ ବି ତାପମାତ୍ରା ୩୬ ଡିଗ୍ରୀ ପାର୍ କରିଛି । ଏଥିରୁ ଅନୁମାନ କରାଯାଇପାରେ ରାଜ୍ୟରେ ଗରମ ପ୍ରକୋପ କିଭଳି ନାକେଦମ୍ କଲାଣି ।

ଭୀଷଣ ଗରମ ଭିତରେ ଆଜି ସମ୍ବଲପୁର ଓ ବଲାଙ୍ଗିରରେ ଦିନବେଳା ହାଲ୍‌କା ବର୍ଷା ଛିଞ୍ଚିଥିଲା । ପାଣିପାଗ ବିଭାଗର ପୂର୍ବାନୁମାନ ହେଲା, ଆଜି ରାତି ଭିତରେ ଆଉ କେତେକ ଜାଗାରେ ହାଲ୍‌କା ବର୍ଷା ହୋଇପାରେ ।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍.ବିଶ୍ୱାସଙ୍କ କହିବାନୁଯାୟୀ ବୁଧବାର ରାଜ୍ୟରେ ତାପମାତ୍ରା ଅଧିକ ରହିବ । ଭୁବନେଶ୍ୱର ତାପମାତ୍ରା ପୁଣି ୩୭ ଡିଗ୍ରୀ ପାଖାପାଖି ରହିବ । ଆସନ୍ତାକାଲି ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁରରେ ହାଲ୍‌କା ବର୍ଷା ହୋଇପାରେ ।

ଗୁରୁବାର ଓ ଶୁକ୍ରବାର ଉତ୍ତର ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ପବନ ହୋଇପାରେ । ଗୁରୁବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, କନ୍ଧମାଳ ଓ ବାଲେଶ୍ୱର ଜିଲ୍ଲାରେ ଘଡ଼ଘଡ଼ି ସହ ପବନ ଆଶଙ୍କା ଅଛି । ଶୁକ୍ରବାର ଉତ୍ତର ଉପକୂଳ ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ ଜିଲ୍ଲାରେ ଘଡ଼ଘଡ଼ି ସହ ପବନ ଆଶଙ୍କା ରହିଛି । ଶନିବାର ମଧ୍ୟ ଉତ୍ତର ଉପକୂଳ ଓଡ଼ିଶାରେ ଠାଏ ଠାଏ ବର୍ଷା ହୋଇପାରେ ।

ପୂର୍ବ ତଟ ରେଳପଥ

ସୂଚନା, ଅନୁସନ୍ଧାନ ଓ ଘୋଷଣା କାର୍ଯ୍ୟର ବହିଃସ୍ରୋତ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.Sr.DCM/KUR-Enquiry-3-2019

କାର୍ଯ୍ୟର ବିବରଣୀ : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02 (ଦୁଇ) ବର୍ଷ (731 ଦିନ) ଅବଧି ନିମନ୍ତେ ଦିନରାତି (Round the Clock) ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ପୁରୀ, ବ୍ରହ୍ମପୁର, ପଲାସା, ବାଲୁଗାଁ, ପାରାଦ୍ୱୀପ ଏବଂ କେଙ୍କୀନାଳ ରେଳ ଷ୍ଟେସନ ଠାରେ କୋଚ୍ ସୂଚନା ଫଳକ, ଟ୍ରେନ୍ ସୂଚନା ଫଳକ, ସ୍ୱଚାଳିତ(Auto) ଘୋଷଣା ପ୍ରଣାଳୀ ଏବଂ ଫେସ୍ ଟୁ ଫେସ୍ ଅନୁସନ୍ଧାନ(Face to Face Enquiry), ଟେଲିଫୋନିକ୍ (Telephonic) ଅନୁସନ୍ଧାନ, କୋଚ୍ ଗାଇଡ଼ାନ୍ସ ବୋର୍ଡ଼ (Coach Guidance Board)ର ପରିଚାଳନା ନିମନ୍ତେ ଜନଶକ୍ତି (Manpower) ର ବହିଃସ୍ରୋତ ତଥା ଯାତ୍ରୀ ଘୋଷଣା ଏବଂ ସୂଚନା ସମ୍ବନ୍ଧୀୟ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,90,93,687/-. EMD (ଦରଛାଡ଼) : ₹ 2,95,500/-. ଟେଣ୍ଡର ନମୁନାର ମୂଲ୍ୟ-(ଟଙ୍କାରେ) : ₹ 11,800/-. କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.03.2019 ଦିନ 1530 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ରାଜ୍ୟ/କେନ୍ଦ୍ରୀୟ ଅମ୍ବାନ୍ ମାଧ୍ୟମରେ କିମ୍ବା ବ-ଣିଜ୍ୟିକ ଭାବେ ପ୍ରୟୋଜ୍ୟ ହେବାକୁ କୌଣସି ପ୍ରକାର ମାଇନୋରିଟି ଅଫର ପ୍ରମିଶେଷନ୍ସ ହେବ ନାହିଁ, ଯଦ୍ୟପି ଏକୁଟିକ Firm ର କୋଟାରେ କାମ କରାଯାଉଛି ଏବଂ ତାହା ସମୟରେ ଚାହିଦା କରାଯାଉଛି । ଏହିଭଳି ସମସ୍ତ ମାଇନୋରିଟି ଅଫର ଚୁକ୍ତିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧଭାବେ କାଢ଼ି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ଟେଣ୍ଡର/ବିଜ୍ଞପ୍ତି ଅଟ୍ଟ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖରୁ 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାରେ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/
ଖୋର୍ଦ୍ଧା ରୋଡ଼

PR-536/1/18-19

ସିଆରପିଏଫ୍ ସହିଦ

ସହିଦ ଦିବସ : ୧୩.୦୩.୨୦୧୮

ସିଆରପିଏଫ୍ ୨୧୨ ବାଟାଲିୟନରେ କାର୍ଯ୍ୟରତ, ନଂ.୧୪୫୦୪୮୭୪୩, ସହିଦ ସିଟି/ଜିଡି ମନୋରଞ୍ଜନ ଲେଙ୍କା ତା.୧୩.୦୩.୨୦୧୮ରିଖରେ ସୁକ୍‌ମାଠାରେ ଏକ ଆଇଇଡି ବିସ୍ଫୋରଣରେ ଦେଶ ପ୍ରତି ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ।

ଆମେ ବୀର ଯବାନଙ୍କୁ ସଲାମ କରୁନୁ ।

ଡିଆଇଜି ଏବଂ ଜିସିର ସମସ୍ତ ର୍ୟାଙ୍କଧାରୀ,
ସିଆରପିଏଫ୍, ଭୁବନେଶ୍ୱର

davp 19111/11/0756/1819

ଉତ୍ତର ରେଳପଥ

ଶୁଦ୍ଧିପତ୍ର

ଫାଇଲ ନଂ.ସିଆଇଆଇଡି/ଏସ୍‌ଏଲ୍‌ଆର/ଟେଣ୍ଡର/୨୦୧୯

ସୂଚନା : ୧. ଟେଣ୍ଡର ପ୍ରକାଶିତ ତାରିଖ : ୦୩.୦୩.୨୦୧୯ ଏବଂ ଟେଣ୍ଡର ଖୋଲାଯିବା ତାରିଖ : ୨୫.୦୩.୨୦୧୯ । ୨. ଟେଣ୍ଡର ପ୍ରକାଶିତ ତାରିଖ : ୦୪.୦୩.୨୦୧୯ ଏବଂ ଟେଣ୍ଡର ଖୋଲାଯିବା ତାରିଖ : ୨୬.୦୩.୨୦୧୯
(IREPS ପୋର୍ଟାଲ ମାଧ୍ୟମରେ)

ଆଇଆରଇପିଏସ୍ ପୋର୍ଟାଲ ଅର୍ଥାତ୍ www.ireps.gov.in ମାଧ୍ୟମରେ ତିନିକୁ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶିତ ଏସ୍‌ଏଲ୍‌ଆର/ଏସ୍‌ଏଲ୍‌ଆରଓଡ଼ିର ଲିଜ୍ ନିମନ୍ତେ ଏନ୍‌ଆଇଟି, ଯାହାର ଖୋଲାଯିବାର ନିର୍ଦ୍ଧାରିତ ତାରିଖ ତା.୨୫.୦୩.୨୦୧୯ରିଖ ଏବଂ ତା.୨୬.୦୩.୨୦୧୯ରିଖ ଥିଲା, ଶୀର୍ଷକ ସ୍ତମ୍ଭରେ ଥିବା "ସିସି (ଟନ୍‌ସ)"କୁ "କମ୍ପାର୍ଟମେଣ୍ଟସ ଏସ୍‌ଏଲ୍‌ଆର/ଏସ୍‌ଏଲ୍‌ଆରଓଡ଼ି" ଏବଂ "କମ୍ପାର୍ଟମେଣ୍ଟସ ଏସ୍‌ଏଲ୍‌ଆର/ଏସ୍‌ଏଲ୍‌ଆରଓଡ଼ି"କୁ "ସିସି (ଟନ୍‌ସ)"ଭାବେ ପଢ଼ାଯିବା ଆବଶ୍ୟକ ।

ଏନ୍‌ଆଇଟିର ଅନ୍ୟ ସୂଚନାତାଲା ଅପରିବର୍ତ୍ତିତ ରହିବ । 765/2019

ହର୍ଷର ସହିତ ଗ୍ରାହକଙ୍କ ସେବାରେ

CAD-1785

GOVT. OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY, KARANJIA
DIST- MAYURBHANJ
E-PROCUREMENT NOTICE
BID IDENTIFICATION No.- 01/2018-19
Ph. No.: 06796 - 220212, e-mail: itdakja@nic.in

No. 515 Dtd. 11.03.2019

This is with reference to the Tender Call Notice 483 dtd 08.03.2019 of this office which is postponed due to unavoidable circumstances.

Sd./- Project Administrator,
I.T.D.A., Karanjia

19007/11/0004/1819

ବାର୍କ ନିର୍ଦ୍ଦେଶକ ଦାୟିତ୍ୱ ନେଲେ ଓଡ଼ିଆପୁଅ

ଭାବା ଆଣବିକ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ହେଲେ ଡ. ଏ. କେ ମହାନ୍ତି

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଭାବା ଆଣବିକ ଗବେଷଣା କେନ୍ଦ୍ର (ବାର୍କ)ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଓଡ଼ିଆ ପୁଅ ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଏ.କେ. ମହାନ୍ତି । ଡ. ମହାନ୍ତି ପୂର୍ବରୁ ବାର୍କରେ ପଦାର୍ଥ ବିଜ୍ଞାନ ବିଭାଗ ନିର୍ଦ୍ଦେଶକ ତଥା କୋଲକାତାର ସାହା ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର୍ ଫିଜିକ୍ସର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ସେ ଆଣବିକ ଶକ୍ତି କମିଶନର ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗର ସଚିବ କେ.ଏନ. ବ୍ୟାସଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ଡ. ମହାନ୍ତି ବାର୍କ ପ୍ରଶିକ୍ଷଣ ସ୍କୁଲର ୨୬ତମ ବ୍ୟାଚ୍‌ରେ ସ୍ନାତକ ଉତୀର୍ଣ୍ଣ ହୋଇଥିଲେ । ୧୯୮୩ରେ ଭାବା ଆଣବିକ ଗବେଷଣା କେନ୍ଦ୍ରର ନ୍ୟୁକ୍ଲିୟର୍ ଫିଜିକ୍ସ ବିଭାଗରେ ଯୋଗ ଦେଇଥିଲେ । ଗତ ୩୬ ବର୍ଷ ଧରି ଡ. ମହାନ୍ତି ନ୍ୟୁକ୍ଲିୟର୍ ଫିଜିକ୍ସର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି ।

ଡ. ମହାନ୍ତି ୧୯୮୮ ମସିହାରେ ଇଣ୍ଡିଆନ ଫିଜିକାଲ ସୋସାଇଟିର ଯୁବ ବୈଜ୍ଞାନିକ ପୁରସ୍କାର ପାଇଥିଲେ । ସେହିପରି ୧୯୯୧ରେ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ଏବଂ ୨୦୦୧ରେ ଆଣବିକ ଶକ୍ତି ବିଭାଗର ହୋମି ଭାବା ବିଜ୍ଞାନ ଏବଂ ପ୍ରଯୁକ୍ତି ପୁରସ୍କାର ହାସଲ କରିଛନ୍ତି । ବାର୍କର ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଡ. ମହାନ୍ତି ପଦାର୍ଥ ବିଜ୍ଞାନ ସମୂହର ନିଜ ପୂର୍ବ ଅଧିକାରୀମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଯେଉଁମାନେ ତାଙ୍କୁ ଆଣବିକ ପଦାର୍ଥ ବିଜ୍ଞାନର ନିମ୍ନ ଏବଂ ଉଚ୍ଚ ଶକ୍ତିକୁ ଗଭୀର ଭାବେ ବୁଝିବାରେ ସହାୟତା କରିଛନ୍ତି । ସେ ମଧ୍ୟ ନିଜ ବରିଷ୍ଠ ସହଯୋଗୀମାନଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ । ଯେଉଁମାନେ ତାଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ମହତ୍ୱ ଥିବା ପ୍ରକଳ୍ପ ପୂରଣ କରିବାରେ ସହାୟତା କରିଥିଲେ । ସେ ଆହୁରି କହିଥିଲେ ଯେ ସାମାଜିକ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ରରେ ବାର୍କର କାର୍ଯ୍ୟ ଜାରି ରଖିବା ପ୍ରତି ସେ ପ୍ରତିବଦ୍ଧ ।

ସମୂହ କପି, ଓଏମ୍‌ଆର୍ ସିଟ୍ ଗାଏବ ଘଟଣା

ପରୀକ୍ଷା କମିଟି ନିଷ୍ପତ୍ତି ଝୁଲିଲା

କଟକ,୧୨।୩(ବ୍ୟୁରୋ): ଚଳିତ ବର୍ଷ ମାଟ୍ରିକ୍ ଇଂରାଜୀ ପରୀକ୍ଷାରେ ତିନୋଟି କେନ୍ଦ୍ରରେ ସମୂହ କପି ହୋଇଥିବା ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତି କରି ଉକ୍ତ ତିନୋଟି କେନ୍ଦ୍ରର ପରୀକ୍ଷାକୁ ବୋର୍ଡ ପକ୍ଷରୁ ବାତିଲ କରାଯାଇଥିଲା । ଏ ଘଟଣା ଘଟିବାର କିଛି ଦିନ ପରେ ଗଣିତ ପରୀକ୍ଷାର ୧୦୮ଟି ଓଏମ୍‌ଆର୍ (ଅପ୍‌ଟିକାଲ ମାର୍କ ରେକଗ୍‌ନିସନ୍) ସିଟ୍‌ଗାଏବ୍ ହୋଇଯାଇଥିଲା । ଏ ଦୁଇଟି ଘଟଣାରେ ଜଡ଼ିତ ଥିବା ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାୟନକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି । ସେମାନଙ୍କ ଖାତା ମୂଲ୍ୟାୟନ ହେବ କି ନାହିଁ, ଯଦି ହେବ ତାହେଲେ ହଜିଯାଇଥିବା ଓଏମ୍‌ଆର୍ ସିଟ୍‌ର ମୂଲ୍ୟାୟନ କେମିତି ହେବ, ସେ ବାବଦରେ ନିଷ୍ପତ୍ତି ନେବାର ଦାୟିତ୍ୱ ପରୀକ୍ଷା ପରିଚାଳନାକାରୀ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷ ପରୀକ୍ଷା କମିଟିକୁ ଦେଇଥିଲେ । ଆଜି ଏନେଇ ଆଲୋଚନା ଓ ସମୀକ୍ଷା ହେବାର ଥିଲା । କିନ୍ତୁ ଆଜି କୌଣସି ସମୀକ୍ଷା ହୋଇନାହିଁ । କେବଳ ସମୂହ ମୂଲ୍ୟାୟନ ବିଷୟରେ ଆଲୋଚନା ହୋଇଛି ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି । ତେବେ ଖୁବ୍ ଶୀଘ୍ର ଏ ସମସ୍ୟା ନ